# NATIONAL NEWS BULLETIN (ODIA)

## 20 September - 2025

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଐତିହ୍ୟର ପୁନରୁଦ୍ଧାର ଏବଂ ଭାରତକୁ ଏ କ୍ଷେତ୍ରରେ ଏକ ଶକ୍ତି ଭାବେ ପରିଣତ କରିବା ଲାଗି ପ୍ରୟାସ ଜାରି ରହିଛି, କହିଲେ ପ୍ରଧାନମନ୍ତ୍ରୀ ।
- ୩୭୫ଟି ସାମଗ୍ରୀ ଉପରୁ ଆସନ୍ତା ସୋମବାରଠାରୁ ଲାଗୁ ହେବ ସଂଶୋଧିତ ଜି.ଏସ୍.ଟି. ଦର ।
- ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଇଲେକ୍ଟ୍ରୋନିକ୍ ଓ ସୌର ଉପକରଣ ଗୁଡ଼ିକ ଉପରେ ହ୍ରାସ ପାଇଛି ଜି.ଏସ୍.ଟି. ହାର ।
- ଚୀନ୍ ମାଷ୍ଟର୍ସ୍ ୨୦୨୫ ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାର ପୁରୁଷ ମିଳିତ ବର୍ଗରେ ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଲା ଭାରତ ।

ଏବଂ

- ତୃତୀୟ ମହିଳା ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୪୧୩ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଅଷ୍ଟ୍ରେଲିଆ ।

# ନ୍ୟୁ ପିଏମ୍ ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଦେଶୀ ନିର୍ଭରଶୀଳତା ଭାରତ ପାଇଁ ସବୁଠାରୁ ବଡ଼ ଆହ୍ୱାନ । ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ସାକାର କରିବାକୁ ହେଲେ ଭାରତ ବୈଶ୍ୱିକ ସ୍ତରରେ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦନ କରିବାର ଆବଶ୍ୟକତା ରହିଛି । ଗୁଜରାଟର ଭାବନଗର ଠାରେ 'ସମୁଦ୍ର ସେ ସମୃଦ୍ଧି' ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ଏକ ସାମୁଦ୍ରିକ ମହାଶକ୍ତି ରୂପେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ । ୨୦୪୭ ସୁଦ୍ଧା ଭାରତର ସାମୁଦ୍ରିକ ବାଣିଜ୍ୟ ବୈଶ୍ୱିକ କ୍ଷେତ୍ରରେ ତିନି ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଭାରତର ସାମୁଦ୍ରିକ ଶକ୍ତିର ଇତିହାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଐତିହ୍ୟକୁ ପୁନରୁଦ୍ଧାର କରିବା ଏବଂ ଦେଶକୁ ବିଶ୍ୱ ସାମୁଦ୍ରିକ ଶକ୍ତି ଭାବରେ ପରିଣତ କରିବା ପାଇଁ ଦୃଢ଼ତାର ସହିତ କାର୍ଯ୍ୟ ଜାରି ରହିଛି ।

**V/O-1-PM-MODI-ATMNIRBHAR**

ଦେଶର ସମୁଦ୍ରକୂଳ ଭବିଷ୍ୟତ ଅଭିବୃଦ୍ଧିର ପ୍ରବେଶ ଦ୍ୱାର ହେବ । ପରବର୍ତ୍ତୀ ପିଢ଼ି ସଂସ୍କାର ସାମୁଦ୍ରିକ କ୍ଷେତ୍ରକୁ ମଧ୍ୟ ଗତିଶୀଳ କରିବ । ଏକ ରାଷ୍ଟ୍ର, ଏକ ବନ୍ଦର ପ୍ରକ୍ରିୟା ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି । ନୂତନ ବନ୍ଦର ବିକାଶ, କାର୍ଯ୍ୟକ୍ଷମ ବନ୍ଦରଗୁଡ଼ିକର ଭିତ୍ତିଭୂମି

ବିସ୍ତାର ଏବଂ କ୍ରୁଜ୍ ପର୍ଯ୍ୟଟନକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

**V/O-2--PM-MODI--MARITIME-POWER**

ସାମୁଦ୍ରିକ ଐତିହ୍ୟକୁ ସଂରକ୍ଷଣ କରି ରଖିବା ଲକ୍ଷ୍ୟ ନେଇ ସରକାର ଲୋଥାଲଠାରେ ଏକ ଜାତୀୟ ସାମୁଦ୍ରିକ ଐତିହ୍ୟ ସଂଗ୍ରହାଳୟ ସ୍ଥାପନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗୁଜରାଟ ଗସ୍ତ ଅବସରରେ ଶ୍ରୀ ମୋଦୀ ଅହମଦାବାଦ୍ ନିକଟବର୍ତ୍ତୀ ପ୍ରାଚୀନ ସହର ଲୋଥାଲ ପରିଦର୍ଶନ କରି ଜାତୀୟ ସାମୁଦ୍ରିକ ଐତିହ୍ୟ ସଂରକ୍ଷଣ ପ୍ରତିଷ୍ଠାନ ନିର୍ମାଣର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ୪ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଐତିହ୍ୟ ସଂରକ୍ଷଣ ସ୍ଥଳୀ ବିକଶିତ କରାଯାଉଛି । ପୂର୍ବରୁ ପ୍ରଧାନମନ୍ତ୍ରୀ ଧୋଲେରା ସ୍ମାର୍ଟ୍‌ସିଟିର ଆକାଶମାର୍ଗରୁ ସମୀକ୍ଷା କରିଥିଲେ ।

## ନିର୍ମଳା ସୀତାରମଣ-ଜିଏସ୍‌ଟି

ଦେଶର ଜନସାଧାରଣଙ୍କ ସୁବିଧା ପାଇଁ ଜି.ଏସ୍.ଟି.ରେ ସଂସ୍କାର ଅଣାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଆଜି ଟୁଟିକୋରିନ୍‌ର କୋଭିଲ୍ ପଟ୍ଟି ସ୍ଥିତ ଦିଆସିଲି ଓ ଆତସବାଜି ଶିଳ୍ପ ସଂଘର ଶତବାର୍ଷିକୀ ଉତ୍ସବ ଅବସରରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ

ଭାରତ ଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି । ଆସନ୍ତା ୨୨ ତାରିଖରୁ ୩୭୫ଟି ସାମଗ୍ରୀ ଉପରେ ଜି.ଏସ୍.ଟି. ଦର ହ୍ରାସ ହେଉଥିବାରୁ ଲୋକମାନଙ୍କୁ ଏହାର ସୁବିଧା ମିଳିବ ।

## ଜିଏସ୍‌ଟି-ରେଲୱେ

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରର ସୁଫଳ ଯାତ୍ରୀଙ୍କୁ ସିଧାସଳଖ ପ୍ରଦାନ କରିବା ଲକ୍ଷ୍ୟ ନେଇ ରେଳ ମନ୍ତ୍ରଣାଳୟ ପ୍ୟାକେଜ୍ ପାନୀୟ ଜଳର ବିକ୍ରୟ ମୂଲ୍ୟ ହ୍ରାସ କରିବାକୁ ଘୋଷଣା କରିଛି । ଟ୍ରେନ୍ ଏବଂ ରେଳ ଷ୍ଟେସନ୍ ପରିସରରେ ଉପଲବ୍ଧ ହେଉଥିବା ପ୍ୟାକେଜ୍ ପାନୀୟଜଳ ଗୁଡ଼ିକ ଉପରେ ଏହା ଲାଗୁ ହେବ । ଏହି ସଂଶୋଧିତ ମୂଲ୍ୟ ଆସନ୍ତା ସୋମବାର ଠାରୁ କାର୍ଯ୍ୟକାରୀ ହେବ ବୋଲି ରେଳ ମନ୍ତ୍ରଣାଳୟ କହିଛି ।

## କଞ୍ଜୁମର୍ସ-ଜିଏସ୍‌ଟି ହେଲ୍ପଲାଇନ୍

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରର ଏକ ପଦକ୍ଷେପ ଭାବେ ଉପଭୋକ୍ତା ବ୍ୟାପାର ବିଭାଗ ପକ୍ଷରୁ ଏକ ଜାତୀୟ ହେଲ୍ପଲାଇନ୍ ନମ୍ବର କାର୍ଯ୍ୟକାରୀ କରାଯାଇଛି । ଜି.ଏସ୍.ଟି. ଅଭିଯୋଗ ଗୁଡ଼ିକର ସମାଧାନକୁ ସରଳ କରିବା ଲକ୍ଷ୍ୟ ନେଇ ଏହି ହେଲ୍ପଲାଇନ୍ ନମ୍ବର ୧୯୧୫ ଜାରି କରାଯାଇଛି । ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ସୋମବାର ଠାରୁ ସଂଶୋଧିତ ଜି.ଏସ୍.ଟି. ହାର ଲାଗୁ ହେବାକୁ ଯାଉଛି । ଫଳରେ ଏ

ସଂକ୍ରାନ୍ତ ଉପଭୋକ୍ତାଙ୍କ ପ୍ରଶ୍ନ ଏବଂ ଅଭିଯୋଗ ଗୁଡ଼ିକର ଏକ ସମନ୍ୱିତ ସମାଧାନ ବ୍ୟବସ୍ଥା ଲାଗୁ କରାଯାଉଛି । ଇନ୍‌ଗ୍ରାମ୍ ପୋର୍ଟାଲ୍‌ରେ ଏଥିପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଦେଶ ବ୍ୟାପି ଉପଭୋକ୍ତାଙ୍କ ପାଇଁ ପ୍ରାକ୍ ମୋକଦ୍ଦମା ପର୍ଯ୍ୟାୟ ଅଭିଯୋଗଗୁଡ଼ିକ ପଞ୍ଜିକରଣ ତଥା ଏହାର ସମାଧାନ ପାଇଁ ଏହି ହେଲ୍ପଲାଇନ୍ ନମ୍ବର ବିଶେଷ ଉପଯୋଗୀ ହୋଇପାରିବ ।

# ଜିଏସ୍‌ଟି-ସୋଲାର୍

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଛି । ନାଗରିକଙ୍କର ଜୀବନଧାରଣମାନକୁ ଅଧିକ ସହଜ କରିବା ଲକ୍ଷ୍ୟ ନେଇ ଗତ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ନେଇ ଘୋଷଣା କରିଥିଲେ । ଆସନ୍ତା ସୋମବାରଠାରୁ ସଂଶୋଧିତ ଜି.ଏସ୍.ଟି. ହାର କାର୍ଯ୍ୟକାରୀ ହେବ । ଇଲେକ୍ଟ୍ରୋନିକ୍ସ ଓ ସୌର ଉପକରଣ ଉପରେ ଜି.ଏସ୍.ଟି. ସଂସ୍କାରର ପ୍ରଭାବ ସମ୍ପର୍କରେ ଆଜି ସୂଚନା ପ୍ରଦାନ କରୁଛୁ ।

ଇଲେକ୍ଟ୍ରୋନିକ୍ସ ଏବଂ ସୌର ଉପକରଣଗୁଡ଼ିକ ଉପରେ ସରକାର ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଟିକସ ହ୍ରାସ କରିଛନ୍ତି । ଏୟାର୍ କଣ୍ଡିସନର୍, ଟିଭି, ଡିସ୍‌ୱାସର୍ ଭଳି ଉପକରଣ ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ସେହିଭଳି ମନିଟର୍ ଏବଂ

ପ୍ରୋଜେକ୍ଟର ଉପରେ ମଧ୍ୟ ଟିକସ ହ୍ରାସ ପାଇଛି । ଡିଜିଟାଲ୍ ଅର୍ଥନୀତିକୁ ଏହା ସୁଦୃଢ଼ କରିବା ସହିତ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବ । ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ମଧ୍ୟ ତ୍ୱରାନ୍ୱିତ କରିବାରେ ଏହା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ସୌର ପ୍ୟାନେଲ୍ ଏବଂ ଫଟୋ ଭୋଲ୍‌ଟିକ୍ ସେଲ୍ ଭଳି ନବୀକରଣ ଶକ୍ତି ଉପକରଣ ଉପରେ ଟିକସହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଘରୋଇ ଏବଂ ଶିଳ୍ପ କ୍ଷେତ୍ରରେ ଏଭଳି ସଂସ୍କାର ଖର୍ଚ୍ଚ ହ୍ରାସ କରିବା ସହ ସ୍ୱଚ୍ଛ ଓ ନିରନ୍ତର ବିଦ୍ୟୁତ୍ ଉପଲବ୍ଧତାକୁ ସୁନିଶ୍ଚିତ କରିବ ।

# ସେବା ପର୍ବ-ଡିଜିଟାଲ ହେଲ୍‌ଥ ଇକୋସିଷ୍ଟମ୍

**Seba Parba Opening**

ସେବା ଓ ସୁ-ଶାସନ ମନ୍ତ୍ର ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଓ ପ୍ରଗତି ଆଣିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ସ୍ୱତନ୍ତ୍ର ସିରିଜ୍ ସେବା ପର୍ବରେ ଆଜି ଆସନ୍ତୁ ଶୁଣିବା ଡିଜିଟାଲ୍ ସ୍ୱାସ୍ଥ୍ୟ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ।

ପ୍ରଯୁକ୍ତି ବିଦ୍ୟାର ଉପଯୋଗ, ନୀତି ସଂସ୍କାର ଏବଂ ସରକାରଙ୍କ ଦୃଢ଼ ପଦକ୍ଷେପ ଦ୍ୱାରା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ବରିବର୍ତ୍ତନ ଘଟିଛି । ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସ୍ୱାସ୍ଥ୍ୟ

ସେବା କ୍ଷେତ୍ରକୁ ଏହା ଅଧିକ ସହଜ ଏବଂ ସରଳ କରିପାରିଛି । ୨୦୨୧ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍ର ଶୁଭାରମ୍ଭ କରିଥିଲେ । ସରକାରୀ ଓ ଘରୋଇ କ୍ଷେତ୍ର  ମଧ୍ୟରେ ସକ୍ରିୟ ସହଯୋଗ ମାଧ୍ୟମରେ ଦେଶରେ ସୁଦୃଢ଼ ଡିଜିଟାଲ୍ ସ୍ୱାସ୍ଥ୍ୟ ଇକୋସିଷ୍ଟମ୍କୁ ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ଏହି ମିଶନ୍ କାର୍ଯ୍ୟକାରୀ କରାଯାଇଛି । ମିଶନ୍ର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏଭଳି ପଦକ୍ଷେପ ଦେଶର ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଡିଜିଟାଲ୍ ସ୍ୱାସ୍ଥ୍ୟ ସମ୍ପର୍କିତ ସମାଧାନ ସମ୍ଭବ ହୋଇପାରିବ ।

**V/O-3--SEVA-PARV-PM**

୨୦୨୧ରୁ ୨୦୨୬ ପାଞ୍ଚ ବର୍ଷ ମଧ୍ୟରେ ଏକ ହଜାର ୬୦୦ କୋଟି ଟଙ୍କାର ଯୋଜନାବଦ୍ଧ ବ୍ୟୟ ସହିତ ଦେଶରେ ବିକଶିତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ହେଉଛି ଏହି ମିଶନ୍ର ମୁଖ୍ୟ ଉଦ୍ଦେଶ୍ୟ । ଏପର୍ଯ୍ୟନ୍ତ ୮୦ କୋଟିରୁ ଅଧିକ ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ସୃଷ୍ଟି କରାଯାଇପାରିଛି । ଏଥିରେ ୭୧ କୋଟିରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ଜନିତ ତଥ୍ୟ ସ୍ଥାନୀତ ହୋଇଛି । ଇ-ସଂଜୀବନୀ ପ୍ଲାଟଫର୍ମ ଭୌଗଳିକ ସୀମା ଅତିକ୍ରମ କରି ଦେଶରେ ଜାତୀୟ ଟେଲି ମେଡିସିନ୍ ସେବା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

**Seba Parba Closing**

# ବ୍ୟାଡ୍‌ମିଣ୍ଟନ୍

ଚୀନ୍ ମାଷ୍ଟର୍ସ ୨୦୨୫ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ପୁରୁଷ ମିଳିତବର୍ଗରେ ଭାରତଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ଭାରତୀୟ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟୀ ସେମିଫାଇନାଲ୍ ପର୍ଯ୍ୟାୟରେ ମାଲେସିଆ ଯୋଡ଼ିଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ସେଞ୍ଜେନ୍ ଆରେନା ଠାରେ ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚରେ ଭାରତୀୟ ଯୋଡ଼ି ମାଲେସିଆର ଆରୋନଚିଆ ଏବଂ ସୋଓ୍ୱି ଓ୍ୱିକ୍‌ଙ୍କ ଯୋଡ଼ିଙ୍କୁ ୨୧-୧୭, ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି ।

# ଓ୍ୱିମେନ୍ କ୍ରିକେଟ୍:ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ମହିଳା ଆନ୍ତର୍ଜାତିକ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର  ତୃତୀୟ ତଥା ଫାଇନାଲ୍ ମ୍ୟାଚ୍ ଜାରି ରହିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତ ସମ୍ମୁଖରେ ୪୧୩ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ୪୭ ଓଭର ୫ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ଅଷ୍ଟ୍ରେଲିଆ ୪୧୨ରନ୍ ସଂଗ୍ରହ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଅଷ୍ଟ୍ରେଲିଆ ନିଷ୍ପତ୍ତି ନେଇଥିଲା ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୧୯ ଓଭରରେ ୨ ୱିକେଟ୍ ହରାଇ ୧୯୦ରନ୍ ସଂଗ୍ରହ କରିଛି । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ଥିବାରୁ ସିରିଜ୍ ସମାନ ସ୍ତରରେ ରହିଛି ।